## ୨୫ ଅଗଷ୍ଟ ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍

### କ୍ଷମା ପ୍ରାର୍ଥନା ଓ ଅନୁତାପର ଗୂଢ଼ ପ୍ରାସଙ୍ଗିକତା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହ୍ହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ନିଜ ଭକ୍ତର କ୍ଷମା ପ୍ରାର୍ଥନା ଓ ଅନୁତାପକୁ ସ୍ୱୀକାର କରିଥାନ୍ତି । କିନ୍ତୁ ସର୍ତ୍ତ ଏହିକି ଯେ, ସେହି ଅନୁତାପରେ ନିଷ୍ଠା ଅନିବାର୍ଯ୍ୟ, କେବଳ ତୁଣ୍ଡରୁ (କ୍ଷମା ମାଗିବା)ର ଶବ୍ଦ ଉଚ୍ଚାରଣ କରିଦେଲେ ହେବ ନାହିଁ । ପବିତ୍ର କୁରଆନ୍‌ର ବିଭିନ୍ନ ସ୍ଥାନରେ ଏହାର ଚର୍ଚ୍ଚା ମିଳିଥାଏ ଯେ, ଅଲ୍ଲାଃତାଲା ସ୍ୱଚ୍ଛ ହୃଦୟରୁ ନିଷ୍ପାପର ଭାବରେ କ୍ଷମା ପ୍ରାର୍ଥନାକାରୀଙ୍କୁ ଧନସମ୍ପତ୍ତି ଓ ସନ୍ତାନସନ୍ତତି ଦ୍ୱାରା ପରୁସ୍କୃତ କରିଥାନ୍ତି ଏବଂ ଏହା ତାଙ୍କ କଠୋର ଶାସ୍ତିରୁ ରକ୍ଷା ପାଇବାର ମଧ୍ୟ ମାଧ୍ୟମ ।

କ୍ଷମା ପ୍ରାର୍ଥନାକାରୀ ଅଲ୍ଲାଃତାଲାଙ୍କ ଅନୁକମ୍ପାର ପାତ୍ର ହୋଇଥାଏ । ଗୋଟିଏ ସ୍ଥାନରେ ଅଲ୍ଲାଃତାଲା କ୍ଷମା ପ୍ରାର୍ଥନାକାରୀଙ୍କୁ ସୁସମାଚାର ଦେଇ କୁହନ୍ତି; ଲାଓଜଦୁଲ୍ଲାହା ତଓ୍ୱାବର୍ ରହିମା ଅର୍ଥାତ ସେମାନେ ଅଲ୍ଲାଃତାଲାଙ୍କୁ ଅତୀବ କ୍ଷମାଶୀଳ ଓ ଅଶେଷ ଦୟାବାନ ପାଇବେ । କିନ୍ତୁ ସର୍ତ୍ତ ଏହିକି ଯେ, **ଭକ୍ତର କ୍ଷମା ପ୍ରାର୍ଥନା ଓ ଅନୁତାପରେ ନିଷ୍ଠା ଓ ସଚ୍ଚୋଟତା ଅପରିହାର୍ଯ୍ୟ ।**

ଗୋଟିଏ ହଦିସ୍‌ରେ ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି; ଏକଦା ମୁଁ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଏହି ଉପଦେଶ ଦେଉଥିବାର ଶୁଣିଲି ଯେ, ନିଜ ଅପକର୍ମ ପାଇଁ ପଶ୍ଚାତାପ କରିବା ଏପରି କି ଯେମିତି ସେ ପାପ କରି ହିଁ ନାହିଁ । ଐଶ୍ୱର୍ଯ୍ୟମୟ ପ୍ରଭୁ ଯେତେବେଳେ କାହାରିକୁ ପ୍ରେମ କରନ୍ତି ସେତେବେଳେ ପାପ ତାହାର ତିଳେ ମାତ୍ର ଅନିଷ୍ଟ କରିପାରି ନଥାଏ । ଅର୍ଥାତ ଅପକର୍ମ ପ୍ରତି ତାହାର ମାର୍ଗଚ୍ୟୁତ ହୋଇ ନଥାଏ ଏବଂ ମନ୍ଦକର୍ମର କୁପରିଣାମରୁ ଅଲ୍ଲାଃତାଲା ତାହାକୁ ସୁରକ୍ଷିତ ରଖିଥାନ୍ତି । ହଜରତ ମୁହମ୍ମଦ[ସ.ଅ] ପଶ୍ଚାତାପର କେତେକ ସଙ୍କେତ ଦର୍ଶାଇ କହିଲେ; ନିଜ କଳାକର୍ମ ଯୋଗୁଁ ଅନୁତାପ ଓ ସନ୍ତାପନା କରିବା କ୍ଷମା ପ୍ରାର୍ଥନାର ପ୍ରତୀକ । ସୁତରାଂ ପ୍ରକୃତ ପଶ୍ଚାତାପକାରୀ ଯେଉଁସ୍ଥଳେ ପାପରୁ ପବିତ୍ର ହୋଇଥାଏ ସେହିସ୍ଥଳେ ତାହାକୁ ପ୍ରଭୁଙ୍କ ପ୍ରୀତିଭାଜନ ଲାଭ ହୋଇଥାଏ । ଏଥିସହିତ ସେ ବାରମ୍ୱାର ଅଲ୍ଲାଃତାଲାଙ୍କ ଅନୁକମ୍ପାରୁ ଭାଗ ହାସଲ କରିଥାଏ ।

ହଜରତ ମସିହ ମଉଦ[ଅ.ସ] ନିଷ୍ପାପର କ୍ଷମା ପ୍ରାର୍ଥନାର ସର୍ତ୍ତାବଳୀ ପ୍ରସଙ୍ଗରେ କୁହନ୍ତି; **ପ୍ରଥମ ସର୍ତ୍ତ** ଏହିକି ଯେ, ମନୁଷ୍ୟ ମନ୍ଦଚିନ୍ତା ଓ ଅପବିତ୍ର ଭାବନାରୁ ଶୁଦ୍ଧପୂତ ହୋଇଯାଉ । **ଦ୍ୱିତୀୟ ସର୍ତ୍ତ** ଏହିକି ଯେ, ନିଷ୍ପାପର ଅନୁତାପ ଓ ସଚ୍ଚୋଟ ସନ୍ତାପନା ପ୍ରକାଶ୍ୟ କରୁ । **ତୃତୀୟ ସର୍ତ୍ତ** ଏହିକି ଯେ, ଏହା ଦୃଢ଼ ମନସ୍ଥ କରିନେଉ କି ଆସନ୍ତାରେ ସେହି କୁକର୍ମ ନିକଟକୁ ହିଁ ଯିବ ନାହିଁ । ବସ୍ ଏତିକି ଯଥେଷ୍ଟ ନୁହେଁ ଯେ, ଅପକର୍ମରୁ ପୂର୍ଣ୍ଣ ରୂପେ ନିବୃତ୍ତ ରହିବାର ପ୍ରତିଜ୍ଞା କରିନେବା । ବରଂ ତାହା ବିପରୀତ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଓ ପବିତ୍ର କାର୍ଯ୍ୟଶୈଳୀ ଅବଲମ୍ୱନ କରିବା ଜରୁରୀ । **ସୁତରାଂ ଏହାକୁ ହିଁ ପ୍ରକୃତ ଅନୁତାପ ଓ ସନ୍ତାପନା କରିବା କୁହନ୍ତି ।** ଯେତେବେଳେ

ନିଜ ଅବସ୍ଥାକୁ ଏପରି ଢ଼ଳି ନେବ ସେତେବେଳେ ଯାଇ ଅଲ୍ଲାଃତାଲା ତାହା ଉପରେ ପ୍ରସନ୍ନିତ ହେବେ ଅର୍ଥାତ ତାହାକୁ ପ୍ରେମ କରିବେ । ହଜରତ ମସିହ ମଉଦ[ଅ.ସ] କ୍ଷମା ପ୍ରାର୍ଥନା ଓ ଅନୁତାପ କରିବା ପ୍ରତି ଆମମାନଙ୍କର ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି । ଆପଣ[ଅ.ସ] ଏଥିପାଇଁ ଏତେ ବ୍ୟାକୁଳ ଓ ଚିନ୍ତିତ ରହୁଥିଲେ ଯେ, ଏଥିପ୍ରତି ନିଜ ଅନୁଗାମୀମାନଙ୍କର ଧ୍ୟାନ ଆକର୍ଷିତ କରିବାକୁ ଆପଣ କୌଣସି ଅବସର ମଧ୍ୟ ହାତଛଡ଼ା କରୁନଥିଲେ । ଅତଃ ଆମମାନଙ୍କ ସକାଶେ ଏହା ଅତ୍ୟନ୍ତ ଜରୁରୀ ଯେ, ଅଲ୍ଲାଃ ଓ ତାଙ୍କ ରସୁଲ [ସ.ଅ]ଙ୍କ ହିତ ଉପଦେଶ ଏବଂ ନିର୍ଦ୍ଦେଶାବଳୀର ଆଲୋକରେ ହଜରତ ମସିହ ମଉଦ [ଅ.ସ]ଙ୍କ ପ୍ରଦତ ଶିକ୍ଷାକୁ ଆମେ ସର୍ବଦା ନିଜ ସମ୍ମୁଖରେ ରଖି ତଦନୁରୂପ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବା ଯଦ୍ଦ୍ୱାରା ନିଜ ବୈଅତର କର୍ତ୍ତବ୍ୟ ସମ୍ପାଦନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବା ।

ଯଦି ଆମେମାନେ ନିଜ ଭିତରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ନକରୁ ଏବଂ ସତ୍ୟନିଷ୍ଠ କ୍ଷମା ପ୍ରାର୍ଥନା ଓ ଅନୁତାପ ପ୍ରତି ଧ୍ୟାନ କେନ୍ଦ୍ରିତ ନକରିବା ତେବେ ନିଜ ସଂସ୍କାର କରିବାର ପ୍ରତିଜ୍ଞା କରିବା ନିଷ୍ଫଳ ହୋଇଯିବ । ଆପଣ[ଅ.ସ] କୁହନ୍ତି; ଏହା ସତ୍ୟ ଯେ, ମନୁଷ୍ୟ ସ୍ୱଭାବ ଦୃଷ୍ଟିରୁ ଅତି ଦୁର୍ବଳ ତା'ପରେ ପୁଣି ଅଲ୍ଲାଃତାଲାଙ୍କର ସହସ୍ର ନିର୍ଦ୍ଦେଶାବଳୀର ବୋଝ ତାହା ଉପରେ ନ୍ୟସ୍ତ ରହିଛି । ଅତଏବ ମନୁଷ୍ୟ ସ୍ୱଭାବରେ ଏହା ଅନ୍ତର୍ଭୁକ୍ତ ଯେ, ସେ ନିଜ ଦୋଷତ୍ରୁଟି ବଶତଃ କେତେକ ଆଦେଶର ପାଳନ କରିବାରେ ଅସମର୍ଥ୍ୟ ରହିଥାଏ ଏବଂ କଦାଚିତ୍ ତାମସିକ ପ୍ରବୃତି ତାହା ଉପରେ ପ୍ରଭାବ ବିସ୍ତାର କରି ନେଇଥାଏ । ଅତଃ ସେ ନିଜ ଦୁର୍ବଳତା ଓ ସ୍ୱଭାବ ଦୃଷ୍ଟିରୁ ଏହି ଅଧିକାର ରଖିଥାଏ ଯେ କୌଣସି ଭୁଲ କରିବା ସମୟରେ କ୍ଷମା ପ୍ରାର୍ଥନା କରିବା ଯୋଗୁଁ ପ୍ରଭୁ ତାହାକୁ ଧ୍ୱଂସ ହେବାରୁ ରକ୍ଷା କରି ନେଇଥାନ୍ତି । ବସ୍ତୁତଃ ଏହା ଧାର୍ଯ୍ୟ ବିଧାନ ଯେ, ଯଦି ପରମେଶ୍ୱର କ୍ଷମା ପ୍ରଦାନକାରୀ ହୋଇ ନଥାନ୍ତେ ତେବେ ମନୁଷ୍ୟ ଉପରେ ଅନେକ ନିର୍ଦ୍ଦେଶାବଳୀର ବୋଝ କଦାପି ନ୍ୟସ୍ତ କରାଯାଇ ନଥାନ୍ତା । ଏଥିରୁ ନିଃସନ୍ଦେହ ରୂପେ ପ୍ରମାଣିତ ହେଉଅଛି ଯେ, ଐଶ୍ୱର୍ଯ୍ୟମୟ ପ୍ରଭୁ ଅତ୍ତୱାବ୍ ଓ ଗଫୁର୍ ଅଟନ୍ତି । **ଅନୁତାପ (ତୌବା)ର ଅର୍ଥ ଏହିକି ଯେ, ମନୁଷ୍ୟ ଗୋଟିଏ ଅପକର୍ମକୁ ଏହି ସ୍ୱୀକାର ଉକ୍ତି ସହିତ ପରିତ୍ୟାଗ କରିଦିଏ କି ଏଥିଅନ୍ତେ ସେ ଅଗ୍ନିରେ ନିକ୍ଷେପ କରାଗଲେ ସୁଦ୍ଧା ସେହି ଅପକର୍ମ ଆଉ କରିବ ନାହିଁ ।**

ସୁତରାଂ ଏହା ସର୍ତ୍ତ ରହିଛି, ଏପରି ତୌବା କରିବା ଉଚିତ୍ । ଅତଏବ ଯେତେବେଳେ ଜଣେ ଏପରି ସତ୍ୟ ଓ ଦୃଢ଼ମନର ସହିତ ସଙ୍କଳ୍ପ କରି ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବ ସେତେବେଳେ ସେହି ଅତି ଦୟାଳୁ କୃପାଳୁ ପ୍ରଭୁ ମଧ୍ୟ ତାହାର ଦୋଷ କ୍ଷମି ଦେଇଥାନ୍ତି ଏବଂ ଏହା ଅଲ୍ଲାଃତାଲାଙ୍କର ବୈଶିଷ୍ଟ୍ୟ ଓ ବିଶେଷ ଗୁଣ ମଧ୍ୟରେ ଅନ୍ତର୍ଭୁକ୍ତ ଯେ ସେ ଭକ୍ତକୁ କ୍ଷମା କରି ତାହାକୁ ଧ୍ୱଂସ ମୁଖରୁ ରକ୍ଷା କରି ନେଇଥାନ୍ତି ।

ଅନେକ ଲୋକ କହିଥାନ୍ତି ଯେ, ଆମେ ଏତେ ଥର କ୍ଷମା ପ୍ରାର୍ଥନା କଲୁ, ଶତ ସହସ୍ର ଥର ତଶ୍‌ବିଃ (ଜପ) କଲୁ କିନ୍ତୁ ଯେତେବେଳେ ତାଙ୍କୁ କ୍ଷମା ପ୍ରାର୍ଥନାର ଅର୍ଥ ଓ ତାହାର ବାସ୍ତବତା ପଚରାଯାଏ ସେତେବେଳେ ମୁକ ପାଲଟି ଯାଇଥାନ୍ତି । ମନୁଷ୍ୟକୁ ଆବଶ୍ୟକ କି ବାସ୍ତବିକ ରୂପେ ସହୃଦୟରୁ କ୍ଷମା ପ୍ରାର୍ଥନା କରୁଥାଉ ଯେ, ସେହି କୁତ୍ସିତ କାର୍ଯ୍ୟ ଓ ଅପରାଧ ଯାହାକି ମୋ ଦ୍ୱାରା ଘଟି ଯାଇଛି, ତାହାର ଦଣ୍ଡ ମୋତେ ଭୋଗ କରିବାକୁ ନପଡୁ ବରଂ ମୋତେ କ୍ଷମା ମିଳିଯାଉ ଏବଂ ଆସନ୍ତାରେ ବାରମ୍ବାର ଅନ୍ତର ଆତ୍ମାରୁ ପ୍ରଭୁଙ୍କ ସାହାଯ୍ୟ ଭିକ୍ଷା କରୁଥାଉ କି ହେ ପ୍ରଭୁ ! ମୋତେ ସତ୍‌କର୍ମ କରିବାକୁ ଶକ୍ତି ପ୍ରଦାନ କର ତଥା ସେହି ମନ୍ଦକର୍ମରୁ ନିବୃତ୍ତ ରଖ । ଦେଖ (ଆରବୀ) ଶବ୍ଦ ଉଚ୍ଚାରଣରୁ କିଛି ସୁଫଳ ମିଳିବ ନାହିଁ । ନିଜ ଭାଷାରେ ମଧ୍ୟ କ୍ଷମା ପ୍ରାର୍ଥନା କରାଯାଇପାରେ ଯେ, ହେ ଐଶ୍ୱର୍ଯ୍ୟମୟ ପ୍ରଭୁ ! ମୋର ବିଗତ (ସମସ୍ତ) ପାପ କ୍ଷମା କରିଦିଅ ଏବଂ ଆସନ୍ତାରେ ସମସ୍ତ ପ୍ରକାରର ଅପକର୍ମରୁ ମୋତେ ସୁରକ୍ଷିତ ରଖ ତଥା ସତ୍‌କର୍ମ କରିବାକୁ ଶକ୍ତି ପ୍ରଦାନ କର ଏହା ହିଁ ପ୍ରକୃତ କ୍ଷମା ଯାଚନା । ପରମେଶ୍ୱରଙ୍କ ନିକଟରେ ସେହି ପ୍ରସଙ୍ଗ ପହଞ୍ଚିଥାଏ ଯାହାକି ମନୁଷ୍ୟର ଅନ୍ତର ଆତ୍ମାରୁ ପ୍ରସ୍ଫୁଟିତ ହୋଇଥାଏ । ନଚେତ୍ ତାହାର ଜିହ୍ୱା ତ କେବଳ ହୃଦୟର ସାକ୍ଷ୍ୟ ଦେଇଥାଏ । ତେଣୁ ବଚନାତ୍ମକ ଦୁଆ ପ୍ରାର୍ଥନା କରିବା ମୂଲ୍ୟହୀନ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମ ଜମାଅତକୁ ଆବଶ୍ୟକ ଯେ, ନିଜର କିଛି ବିଶେଷତା ପ୍ରଦର୍ଶନ

କରନ୍ତୁ । ଯଦି କେହି ବୈଅତ କରି ଚାଲିଯାନ୍ତି ଏବଂ ନିଜ ଭିତରେ କୌଣସି ଅସାଧାରଣ ପରିବର୍ତ୍ତନ ଆଣି ନଥାନ୍ତି, ନିଜ ପତ୍ନୀ ଓ ପିଲାମାନଙ୍କ ସହିତ ପୂର୍ବ ପରି ହିଁ ଆଚରଣ ପ୍ରଦର୍ଶନ କରୁଥାନ୍ତି । ତେବେ ଏହା କିଛି ଭଲ କଥା ନୁହେଁ । ଯଦି ବୈଅତ କରିବା ପରେ ମଧ୍ୟ ପୂର୍ବ ପରି ମନ୍ଦ ଆଚରଣ ଓ ଖରାପ ସ୍ୱଭାବ ବଳବତର ରୁହେ ତେବେ ବୈଅତ କରି କ'ଣ ଲାଭ ହେଲା ? ଆବଶ୍ୟକ ଥିଲା ଯେ, ବୈଅତ କରିବା ପରେ ପରଆପଣା ଓ ପଡ଼ୋଶୀଙ୍କୁ ମଧ୍ୟ ଏପରି ନମୁନା ପ୍ରଦର୍ଶନ କରି ଦେଖାଇଥାନ୍ତେ ଯେ ସେମାନେ ମଧ୍ୟ କହି ଉଠିଥାନ୍ତେ କି ବର୍ତ୍ତମାନ ଏ ସେହି ବ୍ୟକ୍ତି ନୁହେଁ ଯେ ପୂର୍ବେ ଥିଲା । ଏହା ହିଁ ପ୍ରକୃତ କ୍ଷମା ଯାଚନାରୁ ନିଷ୍କର୍ଷ ବାହାରିବା ଉଚିତ୍ । କେତେକ ଅଜ୍ଞାନୀ ପାଦ୍ରୀମାନେ ହଜରତ ମୁହମ୍ମଦ [ସ.ଅ]ଙ୍କ କ୍ଷମା ଯାଚନା କରିବାକୁ ନେଇ ଆପତ୍ତି କରିଥାନ୍ତି ଏବଂ ଲେଖିଛନ୍ତି ଯେ, ହଜୁର [ସ.ଅ]ଙ୍କର କ୍ଷମା ଯାଚନା କରିବା ପ୍ରମାଣିତ କରୁଅଛି କି ସେ ପାପଶକ୍ତ ଅର୍ଥାତ ଅପକର୍ମରେ ସଂଶ୍ଲିଷ୍ଟ ଥିଲେ । ଏହି ନିର୍ବୋଧ ଲୋକମାନେ ବୁଝି ପାରୁ ନାହାନ୍ତି ଯେ, କ୍ଷମା ଯାଚନା କରିବା ତ ଏକ ମହାନ ଗୁଣ । ସ୍ୱଭାବ ଦୃଷ୍ଟିରୁ ମନୁଷ୍ୟ ଦୁର୍ବଳ ଓ ଅସହାୟ ଗଢ଼ା ଯାଇଛି । ଆଉ ଅବତାରଗଣ ଏହି ସ୍ୱଭାବଗତ ଦୁର୍ବଳତା ଓ ଅସହାୟତାକୁ ଖୁବ୍ ଭଲ ଭାବରେ ଜାଣନ୍ତି । ବସ୍ତୁତଃ ସେମାନେ ଦୁଆ କରିଥାନ୍ତି ଯେ, ହେ ପ୍ରଭୁ ! ତୁମ୍ଭେ ଆମକୁ ଏପରି ସୁରକ୍ଷା ପ୍ରଦାନ କର କି ସେହି ସ୍ୱଭାବଗତ ଦୁର୍ବଳତା ଯେପରି ଆମର କୌଣସି ଅନିଷ୍ଟ କରି ପାରିବ ନାହିଁ ।

କୌଣସି ବ୍ୟକ୍ତି ଦାବୀ କରିପାରିବ ନାହିଁ ଯେ, ମୁଁ ସ୍ୱସାମର୍ଥ୍ୟ ବଳରେ ଅପକର୍ମରୁ ବର୍ତ୍ତି ଯିବି । ଯେତେବେଳେ କି ଅବତାରମାନେ ସେଥିରୁ ନିସ୍ତାର ପାଇବା ସକାଶେ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ (ଅନୁକମ୍ପା) ଲୋଡ଼ିଥାନ୍ତି । ସୁତରାଂ ଭକ୍ତ ହେବାର ପରିପ୍ରକାଶ ନିମନ୍ତେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଅନ୍ୟ ଅବତାରଙ୍କ ପରି ନିଜ ସୁରକ୍ଷା କାମନା କରି ପ୍ରଭୁଙ୍କ ଶରଣ ଭିକ୍ଷା କରୁଥିଲେ ।

ଖ୍ରୀଷ୍ଟଧର୍ମିଙ୍କର ଏହି ଚିନ୍ତାଧାରା ଭ୍ରମାତ୍ମକ ଯେ, ଯୀଶୁ ଖ୍ରୀଷ୍ଟ କ୍ଷମା ଯାଚନା କରି ନଥିଲେ । ସେମାନଙ୍କ ଧର୍ମପୁସ୍ତକ ଇନ୍‌ଜିଲ୍‌ରେ ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବରେ ଉଲ୍ଲେଖ ରହିଛି ଯେ, ସେ ଅନେକ ସ୍ଥାନରେ ନିଜ ଦୋଷତ୍ରୁଟିର ସ୍ୱୀକାର କରି ପ୍ରଭୁଙ୍କ ସମକ୍ଷ କ୍ଷମା ଯାଚନା କରିଛନ୍ତି । ଆପଣ କୁହନ୍ତି ! ଆଚ୍ଛା ତେବେ କୁହ ଇଲି ଇଲି ଲିମା ସବକ୍‌ତନୀର ଅର୍ଥ କ'ଣ ? ଅବି ଅବି କରି ସେ କାହିଁକି ଡ଼ାକିଲେ ନାହିଁ ? ଇବ୍ରାନୀ ଭାଷାରେ ଇଲି ପରମାତ୍ମାଙ୍କୁ କୁହନ୍ତି । ଏହାର ଅର୍ଥ (ହେ ପରମାତ୍ମା) ଆମ ଉପରେ ଦୟା ଓ କୃପାବତୀର୍ଣ୍ଣ କର ଏବଂ ମୋତେ ଏପରି ଅସହାୟ ଛାଡ଼ିଦିଅ ନାହିଁ ଅର୍ଥାତ ମୋର ରକ୍ଷା କର ।

ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଯଦି ଜଣେ ପ୍ରଭୁଙ୍କ ଆଡ଼କୁ ଚାଖଣ୍ଡେ ଅଗ୍ରସର ହୁଏ ତେବେ ପ୍ରଭୁ ତାହା ଆଡ଼କୁ ଏକ ହସ୍ତ ଚାଲି ଆସନ୍ତି । ଯଦି କେହି ପ୍ରଭୁଙ୍କ ଆଡ଼କୁ ଚାଲି ଚାଲି ଯାଏ ତେବେ ପ୍ରଭୁ ତାହା ଆଡ଼କୁ ଦୌଡ଼ି ଆସିଥାନ୍ତି । ଅର୍ଥାତ ଯଦି ମନୁଷ୍ୟ ପ୍ରଭୁଙ୍କ ଆଡ଼କୁ ଢ଼ଳି ମନଯୋଗ କରେ ତେବେ ଅଲ୍ଲାଃତାଲା ମଧ୍ୟ ଦୟା, କୃପା ଓ କରୁଣାର ମହାସାଗର ଯେ ନିଜ ଭକ୍ତ ଉପରେ ଅଶେଷ କୃପାବତୀର୍ଣ୍ଣ କରି ଦେଇଥାନ୍ତି । କିନ୍ତୁ ଯଦି ପ୍ରଭୁଙ୍କ ନିକଟରୁ ମୁହଁ ଫେରାଇ ବସିଯିବ ତେବେ ଅଲ୍ଲାଃତାଲାଙ୍କର ବା କି କ୍ଷତି ଘଟିବ । ପବିତ୍ର କୁରଆନ୍ ଅଲ୍ଲାଃତାଲାଙ୍କର ଦୁଇ ଗୋଟି (ବିଶେଷ) ନାମ ଉପସ୍ଥାପନ କରିଛି ଯଥା ଅଲ୍‌ହଇୟୁ ଓ ଅଲ୍ କୟୁମ୍ । ଅଲ୍‌ହଇୟୁର ଅର୍ଥ ପରମେଶ୍ୱର ଶାଶ୍ୱତ (ଚିରଞ୍ଜୀବୀ) ଓ ଅନ୍ୟକୁ ଜୀବନ ପ୍ରଦାନକାରୀ । ଅଲ୍ କୟୁମ୍‌ର ଅର୍ଥ ସେ ସ୍ୱୟଂ ପ୍ରତିଷ୍ଠିତ ଓ ଅନ୍ୟକୁ ଦୃଢ଼ତା ପ୍ରଦାନକାରୀ । ଏହି ଦୁଇ ଗୁଣବାଚକ ବିଶେଷତା ଯୋଗୁଁ ପ୍ରତ୍ୟେକ ବସ୍ତୁର ପ୍ରକାଶ୍ୟ ଓ ଅଭ୍ୟନ୍ତର ଅବସ୍ଥା ଜୀବିତ ତଥା ବିଦ୍ୟମାନ ରହିଥାଏ । ସୁତରାଂ ଶବ୍ଦ ଅଲ୍‌ହଇୟୁ ଏହା ଆବଶ୍ୟକ କରୁଅଛି ଯେ, ସେହି ପରାକ୍ରମୀ ପ୍ରଭୁଙ୍କର ଉପାସନା ଓ ଆରାଧନା କରାଯାଉ । ଯେପରିକି ତାହାର ଦୃଷ୍ଟାନ୍ତ ସ୍ୱରୂପ ସୁରେ ଫାତିହାରେ ଇୟାକା ନ'ଆବୁଦୁ ଶୈଳୀରେ ଦର୍ଶା ଯାଇଛି ଏବଂ ଅଲ୍ କୟୁମ୍ ଶବ୍ଦ ମାଧ୍ୟମରେ ତାଙ୍କ ଠାରୁ ସାହାଯ୍ୟ ଲୋଡ଼ା ଯାଇଥାଏ ଯେପରିକି କୁହାଗଲା ଇୟାକା ନସ୍‌ତଇନ୍ । ମନୁଷ୍ୟକୁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରଭୁଙ୍କର ସାହାଯ୍ୟ ଆବଶ୍ୟକ । ସୁତରାଂ ସର୍ବଦା ପ୍ରଭୁଙ୍କ ନିକଟରୁ ସାମର୍ଥ୍ୟ ଭିକ୍ଷା କରୁଥାନ୍ତୁ ଏବଂ ଏହା ହିଁ ପ୍ରକୃତ କ୍ଷମା ଯାଚନା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସ୍ୱଚେଷ୍ଟାରେ ସତ୍‌କର୍ମ ତଥା ଉପାସନାରେ ରୁଚି ଓ ଉତ୍କଣ୍ଠା ଉତ୍ପନ୍ନ ହୋଇ ନଥାଏ । ଏହା କେବଳ ପରମେଶ୍ୱରଙ୍କ ବିଶେଷ ଅନୁଗ୍ରହ ଓ ଆଶିଷ ଫଳରେ ପ୍ରାପ୍ତ ହୋଇଥାଏ । ଏଥିପାଇଁ ଜରୁରୀ କି ମନୁଷ୍ୟ ଧୈର୍ଯ୍ୟହରା ନହୋଇ ପ୍ରଭୁଙ୍କ ନିକଟରୁ ତାଙ୍କ କୃପା ଓ ଅନୁକମ୍ପାର ଅଧିକାରୀ ହେବା ନିମନ୍ତେ ଦୁଆ ପ୍ରାର୍ଥନା କରୁଥାଉ । ଉପାସନରେ ମନଯୋଗ କରିବାର ଦୁଆ ମଧ୍ୟ କରୁଥାଉ ଏବଂ ଏହି କାର୍ଯ୍ୟରେ ଥକି ନପଡୁ । ପୁନଶ୍ଚ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଭଲ ଭାବରେ ମନେରଖ ! ଅଲ୍ଲାଃତାଲାଙ୍କୁ ଛାଡ଼ି ଉପଚାର ଓ ନିଜ କୌଶଳ ଉପରେ ଭରଷା କରିବା ମୁର୍ଖାମୀ ଅଟେ । ନିଜ ଜୀବନରେ ଏପରି ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରନ୍ତୁ ଯେପରି ଜ୍ଞାତ ହେବ କି ସମ୍ପୃକ୍ତ ବ୍ୟକ୍ତି ଏକ ନୂଆ ଜୀବନ ଲାଭ କରିଛି । ଅତ୍ୟଧିକ ମାତ୍ରାରେ କ୍ଷମା ପ୍ରାର୍ଥନା କରନ୍ତୁ । ଯେଉଁମାନେ ସାଂସାରିକ କାର୍ଯ୍ୟବ୍ୟସ୍ତତା ଯୋଗୁଁ (ଉପାସନା କରିବାକୁ) ଖୁବ୍ କମ୍ ଅବକାଶ ପାଇଥାନ୍ତି ସେମାନେ ପରମେଶ୍ୱରଙ୍କୁ ଅତ୍ୟଧିକ ଭୟ କରିବା ଉଚିତ୍ । ଅଧିକାଂଶ କର୍ମଚାରୀମାନେ ଈଶ୍ୱରଙ୍କ ଉପାସନା କରିପାରି ନଥାନ୍ତି । ତେଣୁ ବିବଶତା ହେତୁ ଜୋହର୍ ଓ ଅସର୍ ତଥା ମଗରିବ୍ ଓ ଈଶା ନମାଜ ଏକତ୍ର କରି ପାଠ କରିନେବା ବୈଧ ଅଟେ । ଅତିଶୟ କାର୍ଯ୍ୟବ୍ୟସ୍ତତା ସମୟରେ ନମାଜ ଏକତ୍ର କରି ପାଠ କରିନିଅ । କିନ୍ତୁ ବାସ୍ତବପକ୍ଷେ ଧାର୍ଯ୍ୟ ସମୟରେ ହିଁ ନମାଜ ପାଠ କରିବାକୁ ଚେଷ୍ଟା କରନ୍ତୁ । ପ୍ରଭୁ ଓ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅନ୍ୟାୟ ଓ ଦୌରାତ୍ମ୍ୟତା ଅବଲମ୍ବନ କର ନାହିଁ । ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କର ।

ସୁତରାଂ (ତୁମ) କ୍ଷମା ପ୍ରାର୍ଥନା ଓ ଅନୁତାପ ସେତେବେଳେ ସୁଫଳ ପ୍ରଦାନ କରିବ ଯେତେବେଳେ ମୂଳ ନୀତିଶିକ୍ଷାକୁ ନିଜ ସମ୍ମୁଖରେ ବିଦ୍ୟମାନ ରଖି କାର୍ଯ୍ୟ କରିବ । ନିୟମିତ ରୂପେ ନମାଜ ପାଠ କରିବ, ପ୍ରଭୁ ଓ ଭକ୍ତଙ୍କ କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରିବ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏପରି କୁହ ନାହିଁ ଯେ, କ୍ଷମା ପ୍ରାର୍ଥନା କରିବା ସ୍ୱୀକାର ହୋଇ ନଥାଏ । **ସ୍ମରଣ ରଖ ତୁମେ ନିଜ କଲାକର୍ମର ପ୍ରତିଫଳରୁ କଦାପି ବର୍ତ୍ତି ଯାଇପାରିବ ନାହିଁ । ସର୍ବଦା ପ୍ରଭୁଙ୍କ ଅନୁକମ୍ପା ମୁକ୍ତି ପ୍ରଦାନ କରିଥାଏ ନା କି ମନୁଷ୍ୟର କର୍ମ ।** ପୁନଶ୍ଚ କହିଲେ; ହେ ଦୟାମୟ ପ୍ରଭୁ ! ଆମ ସମସ୍ତଙ୍କ ଉପରେ କୃପାବତୀର୍ଣ୍ଣ କର, ଆମେ ତୁମର ହିଁ ସୃଷ୍ଟି ଏବଂ ତୁମ ଶରଣେ ହିଁ ଆନତ ରହିଛୁ । ଅଲ୍ଲାଃତାଲା ଆମମାନଙ୍କୁ ହଜରତ ମସିହ ମଉଦ [ଅ.ସ]ଙ୍କ ଦୁଆର ଅଧିକାରୀ କରାନ୍ତୁ ଏବଂ ଆମମାନେ ତୌବା ଓ କ୍ଷମା ପ୍ରାର୍ଥନାର ପ୍ରକୃତ ମର୍ମକୁ ବୁଝି ନିଜ ପାଇଁ ତୌବା ଓ କ୍ଷମା ପ୍ରାର୍ଥନା କରୁଥାଉ ।

ଖୁତବା ଜୁମାର ଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଚାରି ଜଣ ମୃତକଙ୍କ ଜମାଅତୀୟ ସେବାର ଚର୍ଚ୍ଚା କରି ନମାଜ ଜୁମା ପରେ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★ ★★★

Khulasa Khutba Juma Huzoor Anwar a.b.a
25th August 2023